[ନିୟମ – ୪ (୪-୧) ଦ୍ରଷ୍ଟବ୍ୟ]

# ତହସିଲ କାର୍ଯ୍ୟାଳୟ, କନିଷି, ଗଞ୍ଜାମ

Lease Misc Case No.- ୦୬/୨୦୨୫

## ସର୍ବସାଧାରଣ ନୋଟିସ୍

ଏତଦ୍ ଦ୍ୱାରା ମୌଜା– ପାଲୁରୁହିଲ ଥାନା – ଗୋଳନ୍ଥରା ର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ତଫସିଲଭୁକ୍ତ ଜମିକୁ ଆବାଦ ଅଯୋଗ୍ୟ ଅନାବାଦି ଖାତାରୁ ଆବାଦ ଯୋଗ୍ୟ ଅନାବାଦି ଖାତା ଓ କିସମକୁ ପତିତ କିସମ ରେ ପରିବର୍ତନ କଲାପରେ ଭାରତୀୟ ତୈଳ ନିଗମ ଲିମିଟେଡ (IOCL), ଭାରତ ସରକାର ଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ସ୍ଥିରୀକୃତ ହୋଇଅଛି।

ଏଣୁ ନିମ୍ନ ତଫସିଲଭୁକ୍ତ ଜମିର ଖାତା ଓ କିସମ ପରିବର୍ତ୍ତନ ଉପରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଯେ କୌଣସି କାର୍ଯ୍ୟ ଦିବସରେ ଲିଖିତ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଅତିକ୍ରାନ୍ତ ହେବା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବନାହିଁ ।

ତଫସିଲଭୁକ୍ତ ଜମିର ବିବରଣୀ

| ମୌଜା | ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ରକବା (ଏକରରେ) | କିସମ/ ଖାତାଦାର |
|---|---|---|---|---|---|
| ପାଲୁରୁହିଲ | ୪୨ | ୩୭ | ୫.୭୩୦ | ୦.୪୭୮ | ପର୍ବତ / ଆବାଦ ଅଯୋଗ୍ୟ ଅନାବାଦି |

ତହସିଲଦାର, କନିଷି
Tahasildar Konisi (Gm.)

ପରିପତ୍ର ସଂଖ୍ୟା- 12336 / ତାରିଖ- .୦୯ .୨୦୨୫

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ (**DIO**), **NIC**, ଗଞ୍ଜାମଙ୍କ ଅବଗତି ଓ ୱେବ-ସାଇଟ୍ ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, ମନ୍ତ୍ରୀଡିଙ୍କ ଦ୍ୱାରା ମୌଜା- ପାଲୁରୁହିଲର ପ୍ରକାଶ୍ୟ ସ୍ଥାନରେ ଡେଣ୍ଡରା/ମାଇକିଙ୍ଗ ଦ୍ୱାରା ଜାରି କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ମନ୍ତ୍ରୀଡି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ/ ସରପଞ୍ଚଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କନିଷିର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ଜାରି କରାଗଲା ।

ତହସିଲଦାର, କନିଷି
Tahasildar Konisi (Gm.)